# SAMPLE QUESTION PAPER
## CLASS- X
## ଓଡ଼ିଆ ODIA
## Year-2018-19

ସମୟ - ୩ ଘଂଟା | ପୂର୍ଣ୍ଣ ସଂଖ୍ୟା - ୮୦
*Time allowed : 3 hours* | *Maximum Marks: 80*

- Please check that this question paper contains 4 Printed pages.
- Code number given on the right hand side of the question paper should be written on the title page of the answer book by the candidate.
- Please check that this question paper contains **11** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 am. From 10.15 am to 10.30 am, the students will read the question paper only and will not write any answer on the answer book during this period.

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10
(ଖ) ଲିଖନ – Writing – 15
(ଗ) ବ୍ୟାକରଣ – Grammar – 20
(ଘ) ସାହିତ୍ୟ – Literature – 35

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ (Section-A -10 Marks)

୧. ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । **5 x 2 =10**

ଦକ୍ଷିଣର ଦୂରଚକ୍ରବାଳରେ ଯେଉଁ ପାହାଡ଼ଟି ରହସ୍ୟମୟ ଦେଖାଯାଏ, ତାହାହିଁ ଧଉଳି ଏବଂ ତାହାହିଁ କଳିଙ୍ଗର ଆଦିମ ଇତିହାସର ରହସ୍ୟ ଉଦ୍‌ଘାଟନ କରିଥାଏ । କଳିଙ୍ଗ ଯୁଦ୍ଧରେ ଏକଲକ୍ଷ ଲୋକ ନିହତ, ଦେଢ଼ଲକ୍ଷ ବନ୍ଦୀ ଏବଂ ଏହାଠାରୁ ବହୁସଂଖ୍ୟାରେ ଲୋକେ ରୋଗ ଓ ଅନାହାରରେ ମୃତାହତ ହୋଇଥିଲେ । ଯୁଦ୍ଧର ଏହି ଦାରୁଣ ପରିଣତି ଅଶୋକଙ୍କ ମନରେ ଗଭୀର ଦୁଃଖ ଓ ଅନୁତାପ ସୃଷ୍ଟି କରିଥିଲା । 'ହିଂସା ପ୍ରଣୋଦିତ ତରବାରୀର ଜୟ ଜୟ ନୁହେଁ, ମାନବ ହୃଦୟକୁ ଜୟ କରିବା ହିଁ ପ୍ରକୃତ ଜୟ' ବୋଲି ଅନୁଭବ କରି ଅଶୋକ ଅସ୍ତ୍ର ପରିତ୍ୟାଗ କଲେ । ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଭାରତରେ ଯେଉଁ ଶାନ୍ତିବାର୍ତ୍ତା ପ୍ରଚାର କରିଥିଲେ ସେହି ବାର୍ତ୍ତା ଧଉଳିର ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଛି । ନିଜର ଅସାଧାରଣ ବ୍ୟକ୍ତିତ୍ୱ, ଉଦାର ଧର୍ମନୀତି, ଅହିଂସା ନୀତି, ବୌଦ୍ଧଧର୍ମର ପ୍ରଚାର ତଥା ଲୋକହିତକର ରାଜ୍ୟ ଶାସନ ଯୋଗୁଁ ଅଶୋକ ବିଶ୍ୱ ଇତିହାସରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ବିଶ୍ୱ ଦରବାରରେ ବୌଦ୍ଧଧର୍ମକୁ ପରିଚିତ କରାଇବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ତାଙ୍କ ସାମ୍ରାଜ୍ୟର ଚିହ୍ନ 'ଅଶୋକ ସ୍ତମ୍ଭ' ଆଜି ଭାରତର ରାଷ୍ଟ୍ରୀୟ ଚିହ୍ନ ରୂପେ ପରିଚିତ । ଧଉଳି ହିଂସାର ଅସାରତା, ଧର୍ମ ଓ ଶାନ୍ତିର ମହତ୍ତ୍ୱ ପ୍ରଚାର କରି ମାନବ ସଭ୍ୟତାକୁ ଶାନ୍ତି ଓ ପ୍ରେମର ସନ୍ଦେଶ ଦେଇଥାଏ ।

ପ୍ରଶ୍ନାବଳୀ:

କ. କଳିଙ୍ଗ ଯୁଦ୍ଧର ପରିଣତି କ'ଣ ହୋଇଥିଲା ?

ଖ. ଧଉଳି କେଉଁ ବିଶେଷ ସନ୍ଦେଶ ଦେଇଥାଏ ?

ଗ. ଅଶୋକ କାହିଁକି ବିଶ୍ୱ ଇତିହାସରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି ?

ଘ. ପ୍ରକୃତ ବିଜୟ କିପରି ହାସଲ କରାଯିବା ଉଚିତ ବୋଲି ଅଶୋକ ଅନୁଭବ କରିଥିଲେ ?

ଙ. ଭାରତର ରାଷ୍ଟ୍ରୀୟ ଚିହ୍ନ ରୂପେ କାହାକୁ ଗ୍ରହଣ କରାଯାଇଛି ?

## 'ଖ' ବିଭାଗ(Section-B-15 Marks)

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । **8**

(କ) ଓଡ଼ିଶାରେ ବନ୍ୟା ସମସ୍ୟା ଓ ତା'ର ପ୍ରତିକାର

(ଖ) ଭାରତରେ ସାଧାରଣ ନିର୍ବାଚନ

(ଗ) ଛାତ୍ର ଜୀବନରେ ପର୍ଯ୍ୟଟନ

3. ଯେକୌଣସି ଗୋଟିଏ ପତ୍ର ଲେଖ । **7**

ତୁମ ଅଂଚଳର ଜଣେ କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଅନୁରୋଧ ଜଣାଇ ସମ୍ପାଦକଙ୍କ ନିକଟକୁ ଏକ ପତ୍ର ଲେଖ ।

କିମ୍ବା

'ଶ୍ରମ ହିଁ ସୌଭାଗ୍ୟର ଚାବିକାଠି' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କ ନିକଟକୁ ପତ୍ର ଲେଖ ।

(ବ.ଦ୍ର -ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## 'ଗ' ବିଭାଗ (Section-C-20 Marks)

4. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର । (ଯେକୌଣସି ଚାରୋଟିର) **4 x1=04**

i. ଦୁଷ୍ଟାମି କଲି, ତେଣୁ ଦଣ୍ଡ ପାଇଲି । (ସରଳ ବାକ୍ୟ)

ii. ସତ୍ୟବାଦୀ ନିର୍ଭୀକ । (ଜଟିଳ ବାକ୍ୟ)

iii. ରାଗୀ ହୋଇବି ସେ ହୃଦୟବାନ୍ ।(ଯୌଗିକ ବାକ୍ୟ)

iv. ଯେଉଁ ରାମଚନ୍ଦ୍ର ଧନୁର୍ଦ୍ଧାରଣ କରିଥିଲେ ସେ ରାବଣକୁ ବିନାଶ କଲେ । (ସରଳ ବାକ୍ୟ)

v. ଦେବ ମନ୍ଦିରରେ ସମସ୍ତଙ୍କର ପ୍ରବେଶାଧିକାର ଅଛି । (ଜଟିଳ ବାକ୍ୟ)

vi. ଚନ୍ଦ୍ରୋଦୟ ହେଲା ତେଣୁ ଆକାଶ ନିର୍ମଳ ଦେଖାଗଲା (ସରଳ ବାକ୍ୟ)

(ଖ) ଶୁଦ୍ଧ କରି ଲେଖ । (ଯେକୌଣସି ଚାରୋଟିର) **4 x1=04**

i. କ୍ଷୁନ୍ନ

ii. ରଜଗୁଣ

iii. ଭୌଗଳିକ

iv. ଶାରିରୀକ

v. ପତିତପାବିନୀ

vi. ହୃଷ୍ଟପୃଷ୍ଟ

(ଗ) ଉପଯୁକ୍ତ ଯତିପାତ ଲଗାଇ ଉଦାହରଣ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ । **1 x4=04**

'ଭାଗବତବାଣୀ' କିମ୍ବା 'ନଟବାଣୀ'

(ଘ) ରୂଢ଼ିକୁ ବାକ୍ୟରେ ବ୍ୟବହାର କର । (ଯେକୌଣସି ଚାରୋଟିର) **4 x1=04**

i. ଠାସକୁ ମାରିବା

ii. ଗୋବର ଗଣେଶ

iii. ଢୋଲ ଭିତରେ ମୂଷା

iv. କପାଳ ଖୋଲିବା

v. ଜୋକ ପରି ଲାଗିବା

vi. ନ ଦେଖିଲା ଓଉ ଛ' ଫଡ଼ା

(ଙ) ଓଡ଼ିଆରେ ଅନୁବାଦ କରି ଲେଖ । **1 x4=04**

Indian culture and family traditions give great importance and respect to the aged and the parents. In our society they are very much respected. Young people very much like to help and serve them. In Indian mythology also, the aged and parents are given a high place.

## 'ଘ' ବିଭାଗ (Section -D -35 Marks)

5. ସପ୍ରସଙ୍ଗ ସରଳାର୍ଥ ଲେଖ । **1 x5 =05**

ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇନାହିଁ କି ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ ।

କିମ୍ବା

ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

6 ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ । **3 x2 =06**

(କ) ବୈଜ୍ଞାନିକମାନେ ମାନବକୁ ଧ୍ୱଂସ ପଥର ପଥିକ କରୁଛନ୍ତି ବୋଲି ଲେଖକ କାହିଁକି କହିଛନ୍ତି ?

(ଖ) ସତ୍ୟବାଦୀ ପର୍ବର ମୁଖ୍ୟ ଆଦର୍ଶ କ'ଣ ଥିଲା ?

(ଗ) ଓଡ଼ିଆ ଭାଷାରେ ଗୀତାଭିନୟ ରଚନା କରିଥିବା ଦୁଇଜଣ ଯଶସ୍ୱୀ ସ୍ରଷ୍ଟାଙ୍କ ନାମ ଲେଖ ।

(ଘ) ସମାଧିରେ ବୁଡ଼ି ନ ଯିବା ପାଇଁ ଶ୍ରୀରାମକୃଷ୍ଣ ନରେନଙ୍କୁ କାହିଁକି କହିଥିଲେ ?

(ଙ) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ?

7. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । **4 x1 =04**

(କ) ନବାଗତ ଅତିଥି କାହାକୁ କୁହାଯାଇଛି ?

(i) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (ii) ଗ୍ରାମ୍ୟ ଶିଶୁ

(iii) ଜେବ୍ରା ବା ଜିରାଫ୍ (iv) ଗ୍ରାମ୍ୟ ଯୁବକ

(ଖ) ଅନ୍ନଦାଶଙ୍କର ମାତୃଭାଷା କ'ଣ ଥିଲା ?

(i) ଓଡ଼ିଆ (ii) ହିନ୍ଦୀ

(iii) ଇଂରେଜି (iv) ବଙ୍ଗଳା

(ଗ) 'କୋଣାର୍କେ' କେଉଁ କବିଙ୍କର କୃତି ?

(i) ନୀଳକଣ୍ଠ (ii) ମାୟାଧର ମାନସିଂହ

(iii) ଗୋପବନ୍ଧୁ (iv) ରାଧାମୋହନ ଗଡ଼ନାୟକ

(ଘ) ବିବେକାନନ୍ଦଙ୍କ ପ୍ରଥମ ଶିଷ୍ୟ କିଏ ?

(i) ବାବୁରାମ (ii) ରାଖାଲଚନ୍ଦ୍ର

(iii) ଶ୍ରୀ ଶରତ ଚନ୍ଦ୍ର ଗୁପ୍ତ (iv) ଶଶିଭୂଷଣ

8. ସପ୍ରସଙ୍ଗ ସରଳାର୍ଥ ଲେଖ । **1 x5 =05**

ଜନମ କାଳୁ ଯେ ଦେହେ ତୋ ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁ ଦୋଷ ସିନା
କ୍ଷମିଅଛୁ ଏକା ତୁହି ।

କିମ୍ବା

ପ୍ରତିବିମ୍ବରାଜି ଦ୍ୱୀପ-ଶୈଳ-ତଳେ
ସ୍ୱଷ୍ଟାକାରେ ଶୋଭେ ହ୍ରଦ-ଅନ୍ତଃସ୍ଥଳେ ।

9. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ । 3 x2 =06

(କ) ପଞ୍ଚଭୂତ କାହାକୁ କହନ୍ତି ?
(ଖ) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?
(ଗ) ପୋତପାଳ ମଶାଲ ଜାଳିଛି କାହିଁକି ?
(ଘ) ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଉଷା କି ବ୍ୟବସ୍ଥାମାନ କରାଇଥିଲେ ?
(ଙ) କବି କ'ଣ ଲୁପ୍ତ ହେବାକୁ କହିଛନ୍ତି ?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 4x1 =04

(କ) ଚିଲିକା ମାରୁତ ଦୂରରୁ କ'ଣ ବହିଆଣିବା କଥା କବିତାରେ କୁହାଯାଇଛି ?
(i) ବର୍ଷାବିନ୍ଦୁ (ii) ମାଛ ଗନ୍ଧ
(iii) ଫୁଲର ସୁଗନ୍ଧ (iv) କବିସୂର୍ଯ୍ୟ ଗୀତାମୃତ

(ଖ) 'ସର୍ବଂସହା ମାଟି' କବିତାଟି କେଉଁ କବିତା ପୁସ୍ତକରୁ ସଂଗୃହୀତ ।
(i) ମରୀଚିକା (ii) ଝରାଶିଉଳ
(iii) ମାଟି ପାଣି ପବନ (iv) ସଂଚୟନ

(ଗ) 'କରିବ ଅଙ୍କେ ବିହାର' - ଏଠାରେ କାହା ଅଙ୍କ ବିଷୟରେ କୁହାଯାଇଛି ?
(i) ତମସା (ii) ସୀତା
(iii) ଉଷା (iv) ଅନୁକମ୍ପା

(ଘ) ଅଶ୍ୱତ୍ଥାମା କାହାର ପୁତ୍ର ଅଟନ୍ତି ?
(i) ଦୁର୍ଯ୍ୟୋଧନ (ii) ଧୃତରାଷ୍ଟ୍ର
(iii) ଦ୍ରୋଣ (iv) ଶଲ୍ୟ

11. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । 1x5 =05

(କ) ବରଗଛକୁ ମହାନ୍ ସ୍ନେହମୟୀ ଜନନୀ ସହିତ ଗାଳ୍ପିକ କାହିଁକି ତୁଳନା କରିଛନ୍ତି ?
(ଖ) ରାଜନୀତିରେ ବ୍ରହ୍ମାସ୍ତ୍ର ହେଉଛି ଷଡ଼ଯନ୍ତ୍ର -ଏ କଥା କୁହାଯାଇଛି କାହିଁକି ?
(ଗ) ଶିବେଇ ସାନ୍ତରା କାହିଁକି ତାଙ୍କ ଜୀବନ ଧନ୍ୟ ହୋଇଛି ବୋଲି ମନେ କଲେ ?

*********

1. Ranjita Mall.
4/9/18

2. Arati Kar
4-9-18

3. Nalini Kanta Mohanty
4.9.18

4. Baijayanti Praharaj
4.09.18